> ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଆଧ୍ୟାତ୍ମିକ ରାଷ୍ଟ୍ରବାଦ ଓ ଶ୍ରୀଅରବିନ୍ଦ



ଡ. ହୃଷୀକେଶ ମଲ୍ଲିକ

ପୃଥିବୀର ଅନେକ ରାଜନେତା, ରାଜନୀତି ବିଶାରଦ ଓ ଦାର୍ଶନିକ ରାଷ୍ଟ୍ରବାଦର କଥା କହିଛନ୍ତି, କିନ୍ତୁ ଆଧ୍ୟାତ୍ମିକ ରାଷ୍ଟ୍ରବାଦର କଥା ଆମେ ଜାଣିବାରେ ଏକା ଶ୍ରୀଅରବିନ୍ଦ ହିଁ କହିଛନ୍ତି। ଶ୍ରୀଅରବିନ୍ଦ ହେଉଛନ୍ତି ସେଇ ଜାତୀୟବାଦୀ ନେତା, ଯେ କି କହୁଥିଲେ ସ୍ୱାଧୀନତା ଆନ୍ଦୋଳନର ସନ୍ଦେଶ ଯେ ଯାଏଁ ସାଧାରଣରୁ ଅତି ସାଧାରଣ ମଣିଷଙ୍କ ହୃଦୟବେଦ୍ୟ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହା ଗଣଅଭିଳାଷର ବାହକ ହୋଇପାରିବ ନାହିଁ। ୧୯୭୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ବିଶ୍ୱବ୍ୟାପୀ ପାଳିତ ହେବା ଅବକାଶରେ ପ୍ୟାରିସ୍‌ର ଜଣେ ଯୁବ ପତ୍ରକାରଙ୍କୁ ପଚରାଗଲା ଯେ ଶ୍ରୀଅରବିନ୍ଦ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାହିଁକି ? ତା'ର ଉତ୍ତରରେ ସେ ଯାହା କହିଲେ, ତା'ର ନିର୍ଯାସ ହେଲା- ଶ୍ରୀଅରବିନ୍ଦ ଜଣେ ଅସାମାନ୍ୟ ବିପ୍ଳବୀ। ଜଣେ ବିପ୍ଳବୀର ଜୀବନ ସର୍ବଦା ପ୍ରେରଣାଦାୟୀ। ସାହିତ୍ୟରେ ନୋବେଲ ବିଜେତା ରୋମା ରୋଲାଁଙ୍କ ମତରେ ଶ୍ରୀଅରବିନ୍ଦ ହେଉଛନ୍ତି 'ଏସୀୟ ଓ ୟୁରୋପୀୟ ମେଧାର ପୂର୍ଣ୍ଣତମ ଫଳଶ୍ରୁତି'। ରୋଲାଁଙ୍କର ଏହି ଆକଳନ ସେତେବେଳ ପାଇଁ କେବଳ ସତ୍ୟ ନ ଥିଲା, ଆଜି ଓ ଆଗାମୀ ସମୟ ପାଇଁ ବି ଅକାଟ୍ୟ।

କୁହାଯାଏ, ବସ୍ତୁବାଦ ଓ ଆଧ୍ୟାତ୍ମିକତାର ସହଗମନ କେବେ ବି ସମ୍ଭବ ନୁହେଁ। ଶ୍ରୀଅରବିନ୍ଦ କିନ୍ତୁ ତାଙ୍କ ଜୀବନରେ ଏହାର ବିପରୀତକୁ ସତ୍ୟ ପ୍ରମାଣିତ କରିଛନ୍ତି। ବସ୍ତୁବାଦୀ ପ୍ରଗତି ମଧ୍ୟଦେଇ ଦିବ୍ୟ ସତ୍ତାର ଉନ୍ମୋଚନକୁ ସେ ସମ୍ଭବ କରାଇଛନ୍ତି। ମଣିଷକୁ ପ୍ରତିଶ୍ରୁତି ଦେଇ କହିଛନ୍ତି, ଜାଗତିକ ଅବସ୍ଥାନର ସବୁଠୁଁ ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ଦିନେ ଆଧ୍ୟାତ୍ମିକ ରୂପାନ୍ତରର ଆଲୋକରେ ଆଲୋକିତ ହୋଇଉଠିବ। ତାଙ୍କର ଏହି ବିପ୍ଳବମୂଳ ଆଧ୍ୟାତ୍ମିକ ଭବିଷ୍ୟବାଣୀ ହିଁ ରାଜନୀତି କ୍ଷେତ୍ରରେ ସମଗ୍ର ଭାରତବର୍ଷକୁ ଏକ ଅଭିନବ ମାର୍ଗରେ ପରିଚାଳିତ କରିଛି। ଶ୍ରୀଅରବିନ୍ଦଙ୍କ ମତରେ ନାନା କ୍ଷେତ୍ରରେ ଭାରତ ଆଜି ଯେଉଁ ସଙ୍କଟର ସାମ୍ନା କରୁଛି, ତାହା ମୂଳତଃ ବିବର୍ତ୍ତନର ସଙ୍କଟ। ଆଧ୍ୟାତ୍ମିକ ସମାଧାନ ବ୍ୟତୀତ ଏହାର କୌଣସି ରାଜନୈତିକ, ଧାର୍ମିକ ଓ ନୈତିକ ସମାଧାନ ନାହିଁ।

ମଣିଷର ନିୟତିକୁ ନେଇ ନିର୍ଣ୍ଣୟ ନିମିତ୍ତ ଶ୍ରୀଅରବିନ୍ଦ ନିଜ ପୁରୋଦୃଷ୍ଟିରେ କେବଳ ବିପ୍ଳବୀ ନ ଥିଲେ, ଭାରତର ସ୍ୱାଧୀନତା ପାଇଁ ଖସଡ଼ା ପ୍ରସ୍ତୁତିରେ ବି ଥିଲେ ଅଗ୍ରଧାବିତ ବିପ୍ଳବୀ। ୧୮୯୩ରେ ବମ୍ବେରୁ ପ୍ରକାଶିତ 'ଇନ୍ଦୁପ୍ରକାଶ' ପତ୍ରିକାରେ ସେ ଲେଖିଥିଲେ: ''ଆଜି ଯେତେବେଳେ କଥାକଥାକେ ଆମ ମୁହଁରୁ 'ଗଣତନ୍ତ୍ର' ଭଳି ବଡ଼ ବଡ଼ ଶବ୍ଦ ଉଚ୍ଛୁଳି ଉଠୁଛି, ସେତେବେଳେ 'କଂଗ୍ରେସ' ସଙ୍ଗଠନ ଗଣର ପ୍ରତିନିଧିତ୍ୱ ନ କରି କେବଳ ଏକ ଗୋଷ୍ଠୀର ବା ସୀମିତ ଲୋକଙ୍କର ସ୍ୱର ପାଲଟିଛି। ଏହାକୁ 'ଜାତୀୟ' କହିହେବ କି?'' 'ଆନ୍ ଇଣ୍ଡିଆନ୍ ପିଲ୍‌ଗ୍ରୀମ୍' ପୁସ୍ତକରେ ସୁଭାଷ ଚନ୍ଦ୍ର ବୋଷ ଶ୍ରୀଅରବିନ୍ଦଙ୍କୁ ଶ୍ରେଷ୍ଠ ବାମବାଦୀ ଚିନ୍ତକ ଓ ସ୍ୱାଧୀନତା ଆନ୍ଦୋଳନର ନିର୍ଭୀକ ସେନାପତି ଭାବେ ଅଭିହିତ କରିଥିଲେ। କଂଗ୍ରେସର ମଧ୍ୟ ଉଦାରପନ୍ଥୀ ନେତାମାନେ ଇଂରେଜ ସରକାରଙ୍କୁ ଝୁଲି ପତାଇ ସର୍ବନିମ୍ନ 'ସ୍ୱାୟତ୍ତ ଶାସନ'ର ଅନୁଗ୍ରହ ଭିକ୍ଷା କରୁଥିବାବେଳେ ଶ୍ରୀଅରବିନ୍ଦ ପୂର୍ଣ୍ଣସ୍ୱାଧୀନତାର ଦାବି ଉଠାଇଥିଲେ।

ସଶସ୍ତ୍ର ବିପ୍ଳବ ଦ୍ୱାରା ସ୍ୱାଧୀନତା ହାସଲ ସମ୍ଭବ ବୋଲି ଯୁକ୍ତି ବାଢ଼ିଲାବେଳେ ସେ ଶତ ପ୍ରତିଶତ ନିଶ୍ଚିତ ଥିଲେ ଯେ, ଭାରତରେ ସେ ବେଳର ବ୍ରିଟିଶ୍ ସାମରିକ ବ୍ୟବସ୍ଥା ଆଦୌ ଅପରାଜେୟ ନ ଥିଲା। ଭାରତରେ ବାହିଲ ବ୍ରିଟିଶ୍ ସେନାର ତୋପ ଓ ବନ୍ଧୁକ ହିଁ ଥିଲା ସମ୍ବଳ, ନ ଥିଲା ସଙ୍ଗଠିତ ବାୟୁସେନା କି ଭୀତିପ୍ରଦ ଯୁଦ୍ଧାସ୍ତ୍ର। ଏପରି ସ୍ଥିତିରେ ପ୍ରବଳ ମନୋବଳ, ସାହସ ଓ ପ୍ରୟୋଜନସ୍ଥଳେ ବାହ୍ୟଶକ୍ତିର ସାହାଯ୍ୟ ନେଇ ବ୍ରିଟିଶ ଶାସନର ଅନ୍ତ ଘଟାଇବା ଆଦୌ ଅସମ୍ଭବ ନ ଥିଲା। ଭାରତୀୟ ସେନାବାହିନୀରେ ଥିଲା ପୁଣି ବିଦ୍ରୋହର ସମ୍ଭାବନା। 'ଗୁପ୍ତ ସମିତି' ଜରିଆରେ ଅନ୍ତରାଳରେ ରହି ଶ୍ରୀଅରବିନ୍ଦଙ୍କ ସ୍ୱାଧୀନତା ସଂଗ୍ରାମ ପରିଚାଳନା ଏପରି କରାଳ ହୋଇଉଠିଥିଲା ଯେ, ବ୍ରିଟିଶ୍ ସରକାରଙ୍କ ପାଇଁ ଶ୍ରୀଅରବିନ୍ଦ ହିଁ ଥିଲେ ମୁଣ୍ଡବିନ୍ଧାର କାରଣ।

**ସିଦ୍ଧିଦିବସ ଉପଲକ୍ଷେ**



ଭାରତ ଭୂଇଁରୁ ଶ୍ରୀଅରବିନ୍ଦଙ୍କ ବିତାଡ଼ନ ପାଇଁ ଉପାୟ ଅନ୍ୱେଷଣରେ ବ୍ରିଟିଶ୍ ପ୍ରଶାସନ କିପରି ଅଥୟ ହୋଇ ଉଠିଥିଲା, ଭାରତର ତତ୍କାଳୀନ ଗଭର୍ନର ଜେନେରାଲ ଲର୍ଡ ମିଣ୍ଟୋ ଓ ବଙ୍ଗ ଗଭର୍ନର ଫ୍ରେଜର୍ ସାହେବଙ୍କ ପତ୍ର ବିନିମୟରୁ ଏହାର ସୂଚନା ମିଳେ।

ଗାନ୍ଧିଜୀ ସାମାଜିକ ବାସନ୍ଦ କଥା କହୁଥିଲାବେଳେ ଶ୍ରୀଅରବିନ୍ଦ କହୁଥିଲେ ରାଜନୈତିକ ବାସନ୍ଦର କଥା। ଶ୍ରୀଅରବିନ୍ଦଙ୍କ 'ରାଜନୈତିକ ବାସନ୍ଦ' ତତ୍ତ୍ୱ ବ୍ରିଟିଶ୍ ଶାସନକୁ ଚିନ୍ତିତ କରିଥିଲା। ଏହି ତତ୍ତ୍ୱ ପାଶ୍ଚାତ୍‌ରେ ଯେ ଥିଲା ସରକାରକୁ ଅଚଳ କରିଦେବାର ଅଭିପ୍ରାୟ, ଏକଥା ବୁଝିବା ବ୍ରିଟିଶ୍ ସରକାରଙ୍କ ପାଇଁ କଷ୍ଟକର ନ ଥିଲା। ଗଭର୍ନର ଜେନେରାଲ ଲର୍ଡ ମିଣ୍ଟୋ ଭାରତ ଦାୟିତ୍ୱରେ ଥିବା ସେକ୍ରେଟାରୀ ଲର୍ଡ ମୋର୍ଲେଙ୍କ ପାଖକୁ ଚିଠି ଲେଖି ଜଣାଇଥିଲେ: ''ଏହା ନିଃସନ୍ଦେହ ଯେ, ଆମେ ଏକ ବୈପ୍ଳବିକ ଆହ୍ୱାନର ସମ୍ମୁଖୀନ, ଯାହାର ଲକ୍ଷ୍ୟ ବଳ ପ୍ରୟୋଗ କରି ଆମକୁ ଭାରତରୁ ତଡ଼ିଦେବା। ଭାରତର ଯୁବପିଢ଼ି ଏଥିପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହେବା ଉଦ୍‌ବେଗର ବିଷୟ। ଶ୍ରୀଅରବିନ୍ଦ ହେଉଛନ୍ତି ଏହାର ବିପଜ୍ଜନକ ସୂତ୍ରଧର, ଛାତ୍ରସମାଜ ଉପରେ ଯାହାଙ୍କର ଅଛି ଅଖଣ୍ଡ ପ୍ରଭାବ।''

ଅନେକ ଆଜି ବିସ୍ମୃତ ଯେ ଯେଉଁସବୁ ପନ୍ଥା (ଅସହଯୋଗ, ବାସନ୍ଦ ଓ ସ୍ୱଦେଶୀ ଭାବନା ଆଦି) ମାଧ୍ୟମରେ ଭାରତର ସ୍ୱାଧୀନତା ସ୍ୱପ୍ନ ସାକାର ହୋଇଥିଲା, ସେସବୁ ପନ୍ଥାର ଆବିଷ୍କାରକ ଥିଲେ ଶ୍ରୀଅରବିନ୍ଦ। ସେବର ବ୍ରିଟିଶ୍ ପାର୍ଲାମେଣ୍ଟ ସଭ୍ୟ ହେନ୍‌ରୀ ନେଭିନ୍‌ସନ୍ ଶ୍ରୀଅରବିନ୍ଦଙ୍କ ସହ ଆଳାପ ପରେ ଲେଖିଥିଲେ: ''ଏକ ସାର୍ବଜନୀନ ସ୍ୱଦେଶୀ-ଶାସନ-ବ୍ୟବସ୍ଥାର ଅଧିକାରୀ ହେବା ଥିଲା ଶ୍ରୀଅରବିନ୍ଦଙ୍କ ପ୍ରତ୍ୟାଶା, ଯାହା କେବଳ ବସ୍ତୁକୈନ୍ଦ୍ରିକ ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ରସାରିତ।'' ତାଙ୍କ ମତରେ କାହାରି ମନରେ ଯଦି ଭୟଉତ୍ପନ୍ନ ହେଉଛି, ତେବେ ଜଣେ ସଚ୍ଚା ଦେଶପ୍ରେମୀର ପ୍ରଥମ କର୍ତ୍ତବ୍ୟ ହେଉଛି ସମସ୍ତ ମୂଲ୍ୟ ଦେଇ ତା'ର ଉତ୍ପାଟନ କରିବା। ନିଜର ଲେଖା ଓ ବକ୍ତବ୍ୟରେ ସାହସର ଆବଶ୍ୟକତା ଉପରେ ସେ ସର୍ବାଦୌ ଗୁରୁତ୍ୱ ଦେଉଥିଲେ।

ଶ୍ରୀଅରବିନ୍ଦ ଥିଲେ 'ଦେଶପ୍ରେମର କୁଳିଶନାଦ', 'ଭାରତୀୟ ସଂସ୍କୃତିର ଅତୁଳନୀୟ ନେତା', 'ଅସାମାନ୍ୟ ତ୍ୟାଗ'ର ପ୍ରତିଭୂ, 'କର୍ମଯୋଗୀ' ଓ ସର୍ବୋପରି ଭାରତମାତାର 'ଅଦ୍ୱିତୀୟ ବରପୁତ୍ର'। ଆମର ଦୁର୍ଭାଗ୍ୟ ଯେ, ଶ୍ରୀଅରବିନ୍ଦଙ୍କ ଦ୍ୱାରା ସମାହିତ ଭାରତୀୟ ସ୍ୱାଧୀନତାର ଘନଘଟାମୟ ଉଦ୍ୟୋଗ ପର୍ବକୁ ଆମେ 'ସନ୍ତ୍ରାସର ଏକ ଦଶନ୍ଧି' ଭାବେ ଇତିହାସରେ ଚିହ୍ନିତ କରି ଆଶ୍ୱସ୍ତ ରହିଛୁଁ। ଶ୍ରୀଅରବିନ୍ଦଙ୍କ ବିପ୍ଳବ-ଭାବନା କିନ୍ତୁ ଥିଲା ଆଧ୍ୟାତ୍ମିକତାର ଦିବ୍ୟଭୂମି ଉପରେ ପରିକଳ୍ପିତ ଏକ ନବଯୁଗର ନକ୍ସା। 'ବନ୍ଦେ ମାତରମ୍' ପତ୍ରିକାରେ ସେ ଲେଖିଥିଲେ: "Do we serve the Mother for a reward or do God's work for a hire? The patriot lives for his country because he must, he dies for her because she demands it. That is all." ଶ୍ରୀଅରବିନ୍ଦଙ୍କ ମତରେ ଦେଶପ୍ରେମ ଭଲ, ଉତ୍ତମ ଓ ଦିବ୍ୟ ; ଯଦି ଏହାର ଧ୍ୟେୟ ସାର୍ବଜନୀନ ମାନବିକତାର ବିକାଶ। ମାନବିକତାରୁ ବିଚ୍ଛିନ୍ନ ଜାତୀୟତା କେବଳ ଖରାପ ନୁହେଁ, ଦୁର୍ବଳ ମଧ୍ୟ।

ମୋ: ୯୮୫୩୨୮୭୭୫୫

# ସୁଖର ଗାଣିତିକ ପରିପ୍ରକାଶ



ଧ୍ରୁବ ଚରଣ ଘିବେଲା

ଅନେକ ଖୁସିର ସମାହାର ହିଁ ସୁଖ। ତେବେ ଖୁସି କେବେ ବି ବାହାରୁ ମିଳେ ନାହିଁ। ଉପଲବ୍ଧ ନ ଥାଏ କେଉଁଠି ବାହାରେ। ଖୁସି କେଉଁଠି କିଣା ବି ମିଳେନି। ବିକ୍ରିଯୋଗ୍ୟ ନ ଥାଏ କେବେ। ଏହା ଅନୁଭବର ଅସ୍ମିତା ସୂଚକ। ନିଜ ଭିତରୁ ଖୁସି -ସୁଖ ଅନ୍ୱେଷଣ କରାଯାଇପାରେ। ବାହାରେ ଖୋଜିଲେ ଖୁସି-ସୁଖ ମିଳେନା। ନିଜ ମନରେ, ହୃଦୟରେ ଅନ୍ୱେଷଣ କଲେ ହୁଏତ ମିଳିପାରେ ପ୍ରଚୁର ଶାନ୍ତି, ଗଭୀର ଆତ୍ମସନ୍ତୋଷ ଯାହାକି ଖୁସି- ସୁଖର ପ୍ରକୃତ ସନ୍ଧାନକୁ ହାତପାହାନ୍ତା କରାଇପାରେ। ହଁ, କେବେ କେମିତି କିଏ ହସୁଥିବାର ଦେଖିଲେ ଆପଣା ଓଠରୁ ଆପେ ଧାରେ ହସ ଉକୁଟି ଆସିଥାଏ। ନିଜେ ହସିବା ସହିତ ଅନ୍ୟକୁ ହସାଇବାର ଯଥେଷ୍ଟ ଆବଶ୍ୟକତା ରହିଛି ଆଜିର ଦିନରେ।

ସବୁ ଥାଇ ସୁଖୀ ନ ଥିବା ଲୋକକୁ ଏଠି ଆବିଷ୍କାର କରିବାରେ ବିଚିତ୍ରତା ନ ଥାଏ। ପୁଣି କିଛି ନ ଥାଇ ଅହରହ ହସଖୁସିରେ ଥିବା ଲୋକ ଏଠି ସୁଖୀ ଥିବା ଜଣାଯା'ନ୍ତି। ଦୁଃଖର ପାହାଡ଼ ଉପରେ ଦଣ୍ଡାୟମାନ ଥିବା ଲୋକ ଦୁଃଖକୁ ତିଳେହେଲେ ଖାତିର ନ କରି ସଦାସର୍ବଦା ହସମିଜାଜ୍‌ରେ ରହି ଖୁସିର ପଲଙ୍କରେ ସୁଖନିଦ୍ରା ଯାଆନ୍ତି। ଅନ୍ୟପାଖେ ସୁଖର ଗନ୍ତାଘରେ ନିତି ସହାବସ୍ଥାନ କରୁଥିବା ଲୋକ ଅସଲକୁ ହସଖୁସିରେ ଘଡ଼ିଏ ରହିନପାରି ସୁଖରେ ରହିନପାରିବାର ଆତ୍ମଗ୍ଲାନିରେ ଅହରହ ଜର୍ଜରିତ ଥାଆନ୍ତି। ସୁଖ ଅନୁଭବ ତାଙ୍କ ପାଇଁ ରହିପାରିନଥାଏ ଆକାଂକ୍ଷିତ। ସୁଖର ଅପ୍ରାପ୍ତି ଅସନ୍ତୋଷ ତାଙ୍କଠି ବସା ବାନ୍ଧି ରହିଥାଏ। ପରୋକ୍ଷରେ ସେ ଲଭିଥା'ନ୍ତି ଅଜସ୍ର ଦୁଃଖ।

ଆମେ ଜାଣିଛେ, ଜୀବନ ନଈର ଥାଏ ଦୁଇଟି କୂଳ। ଗୋଟେ ସୁଖ ହେଲେ ଅନ୍ୟଟି ଦୁଃଖ। ଜୀବନ ନଈରେ ଅନେକ ପୁଣି ଆରୋହୀ ଥା'ନ୍ତି ଦୁଃଖର ନାଆରେ। ଏଠି ସୁଖର ନାଆରେ ସାରୀ ହୋଇପାରିନଥାନ୍ତି ଅନେକାନେକ। ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ଅନେକଙ୍କ ଆଶା ଆକାଂକ୍ଷା ରହିଥାଏ ଆକାଶଛୁଆଁ। ସେସବୁର ପରିପୂରଣ ହୋଇନପାରିବାରୁ ନାହିଁ ନାହିଁ ଭିତରେ ଜୀବନରେ ଜ୍ୱଳନ ରହେ ଅନେକ। ଦୁଃଖର ପାରାବାର ଭିତରେ ଯେମିତି ସୁଖର ଥଳକୂଳ ପାଇପାରନ୍ତିନି ଜମା।

ଆଜିର ଦିନରେ ଯାହାଠି ଯେତେ ସମ୍ପତ୍ତି ଥାଏ, ସେତିକିରେ ସେ ଆଦୌ ସନ୍ତୁଷ୍ଟ ନ ଥାଏ। ସେ ଚାହେଁ ତା'ର ଭଣ୍ଡାର ଆହୁରି ଭରି ହେଉ। ଭରି ହେବା ପାଇଁ ତା'ର ଭଣ୍ଡାରରେ ଯେମିତି ଅନେକ ସ୍ଥାନ ଶୂନ୍ୟ ପଡ଼ିଛି। ତାହା ପୂରଣ ନ ହେବା ଯାଏ ଯେମିତି ଶାନ୍ତି ନାହିଁ ମନରେ କି ହୃଦୟରେ। ଉପରମୁହାଁ ଉପରକୁ କେବଳ ଚାହିଁ ରହୁଛି। ତା' ତଳେ କେତେ ଅଭାବୀ ଜୀବନ ବିତାଉଛନ୍ତି ସେ ଆଡ଼କୁ ଯେମିତି ଜମା ନିଘା ନଜର ନାହିଁ। ସେ ତଳକୁ କାହିଁକି ଚାହିଁବେ। ଉପରକୁ ଚାହିଁ ରହିଲେ ସିନା ଉପରବାଲାଙ୍କ ସହିତ ସମକକ୍ଷ ହେବାର ନିରନ୍ତର ଚେଷ୍ଟାରେ ରହି ଯେବେହେଲେ ବି ଅଚଳାଚଳ ଧନସମ୍ପତ୍ତିର ମାଲିକ ହେବେ। ଏବେ ଲକ୍ଷପତି ହେବା ତ ସହଜ। ଯେଣୁ ଦରମା ଛୁଇଁଲାଣି ଲକ୍ଷକୁ, ଲକ୍ଷ ପାଖାପାଖିକୁ, ଏବେ କୋଟିପତି ହେବାରେ ବଳୁଚି ମନ। କୋଟିପତିଙ୍କ ତାଲିକା ବି ଲମ୍ବା ହୋଇଚାଲିଛି। ଦୁଃଖୀଙ୍କ ତାଲିକା ସେମିତି ବଢୁଛି। ମଣିଷ ଯାହା ବୁଝିନି କି ବୁଝୁନି, ସମ୍ପତ୍ତି କେବେ ବି କାହାକୁ ବାସ୍ତବ ସୁଖ ଦେଇପାରେ ନାହିଁ କି ଦେଇପାରିନି। ତଥାପି ସମ୍ପତ୍ତି ମରୀଚିକା ପଛରେ ଧାଇଁବାରୁ ନିଜକୁ ନିବୃତ୍ତ କରିପାରୁନି ମଣିଷ।

ମଣିଷଠି ଆଉ ଗୋଟେ ଅଭାବବୋଧ ଏବେ ବେଶି ପରିଲକ୍ଷିତ ହେଉଛି। ମଣିଷ ଆଉ ଅଧ୍ୟାତ୍ମବାଦୀ ହେଉ ନାହିଁ। କୌଣସି କଥା -କାମରେ ବିଭୁ ଚିନ୍ତନ ରହୁ ନାହିଁ। ହୁଏତ ଈଶ୍ୱରବିଶ୍ୱାସ ବଳରେ ଅନୀତି ଅର୍ଜନରେ ରହନ୍ତା ନାହିଁ। ସମସ୍ତ କର୍ମ ବିଭୁ ସମର୍ପିତ ରହିଲେ ମାନସିକ ଶାନ୍ତି ଅନ୍ତତଃ ହାତପାହାନ୍ତା ହୁଅନ୍ତା। ଆଜିର ଦିନରେ ସୁସ୍ଥ ରହିବା ପାଇଁ ଅଧ୍ୟାତ୍ମ ସ୍ୱାସ୍ଥ୍ୟର ଯଥେଷ୍ଟ ଆବଶ୍ୟକତା ରହିଛି। ବସ୍ତୁବାଦୀ ଆବଶ୍ୟକତା ଯେତେ କମ୍ ରହିବ, ମାନସିକ ସ୍ୱାସ୍ଥ୍ୟ ସେତେ ଅଧିକ ଭଲ ରହିବ। ତେବେ ସୁଖ ହାସଲ ପାଇଁ ଅସଲ ସାଧନ ହେଉଛି ଦୁଃଖ କମ୍ ଅନୁଭବ କରିବା, ଅଭାବବୋଧକୁ ଅଭାବ ଭାବିବା ନାହିଁ ଜମା। ଜ୍ଞାତି କୁଟୁମ୍ବଙ୍କ ଶତ୍ରୁତାରେ ବ୍ୟତିବ୍ୟସ୍ତ ହେବା ନାହିଁ। ମୋଟାମୋଟି ଭାବେ ଦୁଃଖ ଯେତେ କମ୍ ରହିବ, ସେତେ ସୁଖ ଅନୁଭବ ହେଇଆସିବ। କିଛି ଥାଉ ନ ଥାଉ ଖୁସି ରହିବା ଓଠରେ ହସ ରଖି। ହସୁରା ମୁହଁ ଦେଖି ତ କିଏ ହସି ଦେବ ଟିକେ। ହସ ମୁହଁରେ ଲାଖି ରହିଲେ ମୁହଁ ସୁନ୍ଦର ବି ଦେଖାଯିବ। ଅତଏବ ହସ ଖୁସି ହିଁ ଆଣିଦିଏ ସୁଖ। ଆସନ୍ତୁ ହସଖୁସିରେ ରହିବା। ସୁଖ ଅନୁଭବ କରିବା। ଖୁସି ରହିଲେ ସୁଖ ପାଇବା। ଏଣୁ, ଯଥାର୍ଥରେ କୁହାଯାଇପାରେ ଅନେକ ଖୁସିର ଯଥାର୍ଥ ସମାହାର ହିଁ ସୁଖ। ଗାଣିତିକ ଭାଷାରେ ଖୁସି+ଖୁସି+...= ସୁଖ।

ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

ବୟସ ଏକ ସଂଖ୍ୟା ବୋଲି ପ୍ରମାଣ କରିଛନ୍ତି ସୁରଟର ୮୦ ବର୍ଷୀୟା ବକୁଳାବେନ ପଟେଲ। ସେ ସୁଇମିଂ ପ୍ରଶିକ୍ଷଣ ନେଇ ୫୯ ବର୍ଷ ବୟସରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମେ ଭାଗ ନେଇଥିଲେ। ଏବେ ସେ ୮୦ଟି ଦେଶରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ୫୦୦ରୁ ଅଧିକ ମେଡାଲ ଓ ଟ୍ରଫି ଜିତିସାରିଛନ୍ତି। ବକୁଳାବେନ ପିଲାଦିନରୁ ମାତାପିତାଙ୍କୁ ହରାଇଥିଲେ। ନବମରେ ପଢୁଥିବାବେଳେ ତାଙ୍କର ବିବାହ ହୋଇଯାଇଥିଲା। ତେବେ ପିଲାଦିନରୁ ଖେଳ ପ୍ରତି ରୁଚି ରଖିଥିବା ବକୁଳାବେନ ଗୃହିଣୀ ଜୀବନରେ ଲକ୍ଷ୍ୟ ହାସଲ କରିଛନ୍ତି। ୧୯୯୪ରେ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହେବା ପରେ ସୁଇମିଂ ଓ ନାଚ ଶିଖିବା ଆରମ୍ଭ କରିଥିଲେ। ସେ ପ୍ରଶାନ୍ତ ମହାସାଗର, ଆଟ୍‌ଲାଣ୍ଟିକ ମହାସାଗର, ବଙ୍ଗୋପ ସାଗରରେ ପହଁରି ପୁରସ୍କୃତ ହୋଇଛନ୍ତି। ପ୍ରତିଦିନ ସକାଳ ୪ଟାରୁ ଉଠି ସୁଇମିଂ ପାଇଁ ୫ କି.ମି. ଚାଲି ଚାଲି ଯାଆନ୍ତି। ଏହା ବ୍ୟତୀତ ସେ ଭାରତ ନାଟ୍ୟମ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୭୫ ବର୍ଷ ବୟସରେ ସେ ଅଢ଼େଇ ଘଣ୍ଟା ନୃତ୍ୟ ପ୍ରଦର୍ଶନ କରି ବୁକ୍ ଅଫ୍ ଲିମ୍‌କା ରେକର୍ଡସ୍‌ରେ ମଧ୍ୟ ସ୍ଥାନ ପାଇଛନ୍ତି। ଏହି ନୃତ୍ୟ ପ୍ରଦର୍ଶନ କରିବାରେ ସେ ହେଉଛନ୍ତି ବୟୋଜ୍ୟେଷ୍ଠ ମହିଳା।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ନଭେମ୍ବର ୧୯୭୫**

- ୩୭ ବର୍ଷ ବୟସ୍କ ପ୍ରିନ୍‌ସ ଜୁଆନ କାର୍ଲୋସ ସ୍ପେନ୍‌ର ସର୍ବମୟ କର୍ତ୍ତା ରୂପେ ଶପଥ ଗ୍ରହଣ କରିଛନ୍ତି।
- ''ହିଟ୍ ଆଣ୍ଡ୍ ଡଷ୍ଟ'' ପୁସ୍ତକ ପାଇଁ ଶ୍ରୀମତୀ ରଥ ପ୍ରୱେର ଝାବଭାଲାଙ୍କୁ ବ୍ରିଟେନର ସବୁଠାରୁ ମୂଲ୍ୟବାନ ସାହିତ୍ୟ ପୁରସ୍କାର ପ୍ରଦାନ।
- ଭାରତ ଓ ହଙ୍ଗେରୀ ମଧ୍ୟରେ ମୋଟ ୬୧କୋଟି ଟଙ୍କା ମୂଲ୍ୟର ବାଣିଜ୍ୟ କାରବାର ପାଇଁ ଏକ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | | | |
| | | | | 4 | | 6 | | 8 |
| | 2 | | | | | | 5 | 3 |
| | | 1 | | | 8 | 4 | | 2 |
| 2 | | | | 6 | | | | |
| | 4 | | | | | 1 | | |
| 8 | | | 4 | | 5 | | | 9 |
| | | 5 | 3 | 7 | 6 | 2 | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 7 | 9 | 2 | 8 | 6 | 3 | 1 |
| 6 | 1 | 8 | 4 | 7 | 3 | 9 | 2 | 5 |
| 9 | 3 | 2 | 6 | 5 | 1 | 7 | 8 | 4 |
| 7 | 4 | 9 | 1 | 3 | 6 | 2 | 5 | 8 |
| 8 | 6 | 3 | 5 | 4 | 2 | 1 | 7 | 9 |
| 1 | 2 | 5 | 8 | 9 | 7 | 4 | 6 | 3 |
| 5 | 8 | 6 | 7 | 1 | 4 | 3 | 9 | 2 |
| 2 | 9 | 1 | 3 | 6 | 5 | 8 | 4 | 7 |
| 3 | 7 | 4 | 2 | 8 | 9 | 5 | 1 | 6 |

ଗତକାଲିର ଉତ୍ତର

# ଆସ ଖୋଜିବା ଓଡ଼ିଆ ଅସ୍ମିତା



ଡ. କିଶୋର ମହାନ୍ତି

ଓଡ଼ିଆ ଅସ୍ମିତା କଥା କେତେଦିନରୁ ଖୋଜା ଚାଲିଲାଣି? ଅଥଚ ଏ ସମ୍ପର୍କରେ କେହି ସ୍ଥିର ସିଦ୍ଧାନ୍ତରେ ଏଯାଏ ବୋଧହୁଏ ପହଞ୍ଚିପାରିଲେ ନାହିଁ- ଏବେ ଯା' ପାଟିରୁ ବାହାରୁଛି ପ୍ରଥମେ ଓଡ଼ିଆ ଅସ୍ମିତା କଥା – ରାଜନେତାଙ୍କଠାରୁ ଆରମ୍ଭ କରି ଖଣି ଖାଦାନରେ ଶ୍ରମିକ, ଦିନମଜୁରିଆ, ଚାଷୀ ଏଂ ଛାତ୍ର ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ଆମ ରାଜ୍ୟରେ ଓଡ଼ିଆ ଅସ୍ମିତା। କିଏ ଦୂରରେ ଥାଇ କି ହେଉ ବା ପ୍ରବାସରେ ଥାଇ ହେଉ ହିନ୍ଦୀ ଅବା ସ୍ଥାନୀୟ ଭାଷାରେ ଭଲ ଭାବରେ କଥାବାର୍ତ୍ତା ହୋଇ ଅନ୍ୟ ଆଗରେ ଚାକୁଳେଇ କହୁଛି ଓଡ଼ିଆ ଅସ୍ମିତା କଥା। ଏବେ କୁଆଡ଼େ ଓଡ଼ିଆ ଅସ୍ମିତା ଆମର ହଜି ଯିବାକୁ ବସିଛି। ତାକୁ ଆଣି ଥାପନା କରିବା ପାଇଁ ତଥା ପୁନରାୟ ନବକଳେବର ଦେବା ପାଇଁ ଆମ ବୀର ଓଡ଼ିଆ ପୁଅମାନେ ଅଣ୍ଟା ଭିଡ଼ିଲେଣି? ନିଜେ ନିଜକୁ ପ୍ରଶ୍ନ କରୁଛନ୍ତି ଓଡ଼ିଆ ଅସ୍ମିତା କ'ଣ କିଛି ଅଛି?

ଫକୀର ମୋହନ ସେନାପତି, ଗୋପବନ୍ଧୁ, ମଧୁ ବାରିଷ୍ଟର ଏପରି କି ପୁରୁଖା ବିଜ୍ଞ ପଣ୍ଡିତ, ସାହିତ୍ୟିକ ଆମ ଓଡ଼ିଶାର ଏଇ ଅସ୍ମିତା ପାଇଁ କେତେ ଯେ ସଂଗ୍ରାମ କରି ନାହାନ୍ତି ସତରେ? ଓଡ଼ିଆ ଅସ୍ମିତା କେଉଁଠି କେମିତି ହଠାତ୍ ହଜିଗଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେ ସିନା ଆମ ପୂର୍ବ ପୁରୁଷ, ସଂଗ୍ରାମୀ ନେତାମାନଙ୍କୁ ତାଙ୍କ ଜନ୍ମଦିନରେ ତାଙ୍କ ବେକରେ ଫୁଲମାଳ ପିନ୍ଧାଇ ମହାଆଡ଼ମ୍ବରରେ ଦିବସଟିକୁ ପାଳ କରୁଛୁ ହେଲେ ତାଙ୍କ ପ୍ରତିମୂର୍ତ୍ତି ପାଖରେ ଆମେ ଓଡ଼ିଆ ବୋଲି ପରିଚୟ ବାଢ଼ି ପାରୁନାହୁଁ। ଜଣାଯାଉଛି ଆମେ ଆମ ଭାଷା, ମାଟି ମା' ପ୍ରତି ମମତା ନାହିଁ – ହତାଦର କରିବାକୁ ଆରମ୍ଭ କଲେଣି – ଏଣୁ ଓଡ଼ିଆ ଅସ୍ମିତା ବଞ୍ଚି ରହିବ କେମିତି! ନିଜକୁ ନିଜେ ଘରେ ସମସ୍ତଙ୍କୁ ପଚାରନ୍ତୁ ତ – ଓଡ଼ିଆ ଅସ୍ମିତା କ'ଣ କହିପାରିବେ? କିନ୍ତୁ ଗୋଟାଏ ସମୟରେ, ଏହି ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କେମିତି ହଇଚଇ କରିଦେଲା ଓ ଜନମତ ସୃଷ୍ଟି କଲା ତାହା କାହାକୁ ଅଛପା ନାହିଁ? ସଭିଏ ଏବେ ବି ସନ୍ଦିହାନ ଏ ଓଡ଼ିଆ ଅସ୍ମିତାଟା କ'ଣ?

ଏ ସମ୍ପର୍କରେ ଥୋକେ ଅଭିଧାନ ଖେଳାଇ ପକାଇଲେ, ଥୋକେ ଇତିହାସ ପୃଷ୍ଠା ଓଲଟାଇଲେ, ଥୋକେ ବିଚାର ବିମର୍ଶ କଲେ, ଆଉ ଥୋକେ ସ୍ଲୋଗାନ ଦେଇ ନିଜ ମିଶନକୁ ଟାଣ କରି ସଫଳତା ହାସଲ କଲେ। ତା'ପରେ ସବୁ ଫସର ଫାଟିଗଲା – ଓଡ଼ିଆ ଅସ୍ମିତା-ଆସ୍ତେ ଆସ୍ତେ ଲୁଚିବାକୁ ବସିଲାଣି।

ଉତ୍କଳୀୟ ଜାତୀୟ ଜୀବନ ଗଠନରେ ଏବଂ ଓଡ଼ିଆ ଅସ୍ମିତାକୁ ବଳିଷ୍ଠ ତଥା ସାକାର ଏବଂ ମହିମାନ୍ୱିତ କରିବା ଦିଗରେ ଯେ କେତେ କେତେ ଲେଖକ, କର୍ମୀମାନଙ୍କର କେତେ ଅବଦାନ ଥିଲା ତାହାକୁ କ'ଣ କେହି କେବେ ହେଲେ ଅସ୍ୱୀକାର କରିପାରିବ? ସେମାନେ ହେଉଛନ୍ତି ଗୌରୀ ଶଙ୍କର, ଫକୀର ମୋହନ, ପ୍ୟାରି ମୋହନ ଆଚାର୍ଯ୍ୟ, ରାଧାନାଥ, ଗୋବିନ୍ଦଚରଣ, ମଧୁସୂଦନ, ନୀଳମଣି ବିଦ୍ୟାରତ୍ନ, ଗଙ୍ଗାଧର, ବିଶ୍ୱନାଥ ପ୍ରମୁଖ ବିଦ୍ୱାନ ବରପୁତ୍ର ଗଣ। 'ଉତ୍କଳ ସମ୍ମିଳନୀ' ହିଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା କରିବାରେ ଓଡ଼ିଆଙ୍କର ଆଖି ଖୋଲିଦେଲା ଏହା ନିଃସନ୍ଦେହରେ



କୁହାଯାଇପାରେ। ଇତିହାସ କହେ ଏହି ସମ୍ମିଳନୀ ହିଁ ଓଡ଼ିଆଙ୍କୁ ଓଡ଼ିଆର ପ୍ରକୃତ ପରିଚୟ ଦେଇଛି।

ଓଡ଼ିଆ ସାହିତ୍ୟରେ ରାଜନୀତିର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହୋଇଛି। ମଧୁସୂଦନ ଦାସ, ନୀଳକଣ୍ଠ, ଗୋପବନ୍ଧୁ, ଜଗବନ୍ଧୁ ସିଂହ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ସାହିତ୍ୟିକ କର୍ମୀମାନଙ୍କର ଯୁଗୋପଯୋଗୀ ରଚନାବଳୀ ଏହାର ପ୍ରକୃଷ୍ଟ ନିଦର୍ଶନ। ଏହାର ସଫଳ ସ୍ୱରୂପ ଜାତୀୟ ଜୀବନରେ ରାଜନୀତି ସଚେତନତାର ଅଭିବୃଦ୍ଧି ଘଟିଥିଲା? ମାତୃଭାଷାର ଉନ୍ନତି ସାଧନକୁ ମଧ୍ୟ ଏହି ଜାତୀୟ କବି ଲେଖକ ବର୍ଗ ଆପଣାର ଲକ୍ଷ୍ୟ ଭାବରେ ଏହାକୁ ଗ୍ରହଣ କରିଥିଲେ। ସେଥିପାଇଁ ସତ୍ୟବାଦୀ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ଗୋପବନ୍ଧୁ।

ଆମ ଭାଷା ଏବେ ସଙ୍କଟରେ, ଆମ ମାଟି ମା' ସଙ୍କଟରେ। ଆମେ ଖାଲି ଓଡ଼ିଆ ଅସ୍ମିତା ସ୍ଲୋଗାନ ଭିତରେ ରହି ଆତ୍ମ ସନ୍ତୁଷ୍ଟି ଲାଭ କରୁଛେ।

''ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା।''

ଏ କଥା କିଏ ବା ବୁଝୁଛି? କିଏ ଚର୍ଚ୍ଚା କରୁଛି! ଖାଲି ଅସ୍ମିତା ଜପୁଛେ ମାତ୍ର।

ଗୋଦାବରୀଶ ମହାପାତ୍ର ମର୍ମେ ମର୍ମେ ଅନୁଭବ କରିଥିଲେ ଓଡ଼ିଆ ଅସ୍ମିତା –

ଉଠ କଙ୍କାଳ, ଛିନ୍ଦୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି
ଉଠ ଗଡ଼ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି।

ଆମେ ଏବେ ଓଡ଼ିଆ ଅସ୍ମିତାକୁ ଉଣ୍ଡାଳୁଛେ। ଆଗକୁ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା କରିବାରେ ଆମେ କ'ଣ ଏବେ ଗୋପବନ୍ଧୁ, ମଧୁବାବୁ ତଥା ଗୋଦାବରୀଶ ମହାପାତ୍ରଙ୍କ କଥା ହେଜୁଛେ କି? ଆମ ପିଲାମାନେ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ିବେ। ଆମ ବଡ଼ ବଡ଼ ଫଳକମାନଙ୍କରେ ଅଶୁଦ୍ଧ ଓଡ଼ିଆ ଶବ୍ଦ, ସହ ବିଚିତ୍ର ଢଙ୍ଗରେ କଦର୍ଯ୍ୟ ଭାବରେ ବିକଳାଙ୍ଗ ଶବ୍ଦରେ ରାସ୍ତାଘାଟରେ ଶୋଭା ପାଇବ। ଆମ ମିଡିଆରେ ଶୁଦ୍ଧ ଓଡ଼ିଆ ଭାଷା ଉଚ୍ଚାରଣ କରିବା ତ ଦୂରର କଥା ହିନ୍ଦୀ ଇଂଲିଶ ମିଶା ଓଡ଼ିଆ ଶବ୍ଦର ବ୍ୟବହାର ଆମର କେଉଁ ଅସ୍ମିତାର ପରିଚୟ ଦେଇଥାଏ। ଛୁଟି ଦରଖାସ୍ତଟିଏ ଭଲରେ ଲେଖା ହୋଇପାରେନା। ସରକାରୀ ଦପ୍ତରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଆମେ ଏତେ ବିମୁଖ କାହିଁକି? ବଡ଼ ବଡ଼ ହୋର୍ଡିଂରେ ଓଡ଼ିଆ ଭାଷା ବ୍ୟତିରେକ ଇଂଲିଶ ଓ ହିନ୍ଦୀ ଭାଷାର ବହୁଳ ବ୍ୟବହାର କରାଯାଏ। ଏପରି ସ୍ଥଳେ ଆମେ ଅସ୍ମିତା – ଅସ୍ମିତା କହି ଚିତ୍କାର କଲେ କ'ଣ କିଛି ମିଳିପାରେ? ଆମେ ସବୁ କଥାରେ କେବଳ କୁମ୍ଭୀର କାନ୍ଦଣା କରୁ। କିଛି ସମୟ ଗଲା ପରେ ଆମର ଖୋଜିବା ଶେଷ ହୁଏ। ପୁଣି ନୂଆ କିଛି ଗୋଟାଏ ହାସଲ କରିବାର ସନ୍ଧାନରେ ଲାଗିପଡ଼ୁ। ଖାଲି କଥାରେ କହି ଦେଲେ ହେବକି, ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ହେଲେ ନିଜ ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟ ଜାତୀୟ ବୋଧ ଭାବକୁ ପ୍ରତିଷ୍ଠା କରିବାକୁ ହେବ। ତେବେ ଯାଇଁ 'ଓଡ଼ିଆ ଅସ୍ମିତା' ରହିଛି ବୋଲି କହିବାକୁ ହେବ। ବିଶ୍ୱ ଦରବାରରେ ନିଜର ପରିଚୟ ବାଢ଼ିବାକୁ ହେବ।

ମୋ- ୯୪୩୭୭୨୮୪୭୫

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ଜାଲିଆତି

ମହାଶୟ,
ଦିଅଁ ଖାଇ ଖଟୁଲି ଖାଇବା ନ୍ୟାୟରେ ଜାଲିଆତିରେ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ପ୍ରସଙ୍ଗ ଗଣମାଧ୍ୟମରେ ଏକ ରୋଚକ ଖବର ହୋଇପାରଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ସମ୍ପତ୍ତିକୁ ପ୍ଲଟିଙ୍ଗ କରି ନୋଟାରୀ ଚୁକ୍ତିପତ୍ର ମାଧ୍ୟମରେ ବିକ୍ରି/ବନ୍ଧକ/ହସ୍ତାନ୍ତର/ଦଖଲ/ମଡ଼ାଣ ଇତ୍ୟାଦି ଦଲିଲ ପ୍ରସ୍ତୁତ କରି ଲୋକମାନଙ୍କୁ ମିଠେଇ ଭଳି ବଣ୍ଟନ କରାଯାଉଥିବା ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ବହୁବାର ସତର୍କ ଓ ସଚେତନତା କରି ଆସିଛନ୍ତି। କେବଳ ସତ୍ୟପାଠ କାର୍ଯ୍ୟ ବ୍ୟତୀତ ଜମି ହସ୍ତାନ୍ତର ଏଗ୍ରିମେଣ୍ଟ ଦଲିଲ ସଂପାଦନ କରିବା ନୋଟାରୀମାନଙ୍କ କ୍ଷମତା ବାହାରେ ଓ ଏହା ବେଆଇନ ବୋଲି ଏସ.ଜେ.ଟି.ଏ. ସ୍ପଷ୍ଟ କରିସାରିଛନ୍ତି। ଏସବୁ ସତ୍ତ୍ୱେ ଶ୍ରୀଜୀଉଙ୍କ ଜମି ନୋଟାରୀ ଚୁକ୍ତିନାମା ବଳରେ କିଣି ଘର ତୋଳି କେତେ ଲୋକ ସପରିବାର ଭୋଗ ଦଖଲ କରିବାର ଅପଚେଷ୍ଟା ଆଦୌ ସ୍ପୃହଣୀୟ ନୁହେଁ। ଦେବସ୍ୱ ଅର୍ଥ ଓ ସମ୍ପତ୍ତି ବୃଦ୍ଧି ଶରଣାଗତ ଭକ୍ତଙ୍କ ଦାନ ଓ ଧର୍ମର ଫଳ। ତେଣୁ ଏହାର ସୁରକ୍ଷା ପରିବର୍ତ୍ତେ ବେଆଇନଭାବେ ନେବା ଉଦ୍ୟମ ନିନ୍ଦନୀୟ।

– ଦୁର୍ଗା ପ୍ରସାଦ ତ୍ରିପାଠୀ, ପୁରୀ

### ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନାସ୍ଥା ପ୍ରସ୍ତାବକୁ ବିଧାୟକ ଭଣ୍ଡୁର କରିଥିବା ଅଭିଯୋଗ

## ବିଜେଡି ଛାଡ଼ିଲେ ୧୪ ସମିତି ସଭ୍ୟ

ପାରଳାଖେମୁଣ୍ଡି,୨୩।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅଧ୍ୟକ୍ଷ ସୁନେମି ମଣ୍ଡଳଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ବିଧାୟକ ଭଣ୍ଡୁର କରିଥିବା ଅଭିଯୋଗରେ ଶନିବାର ଗୁମ୍ମା ବ୍ଲକର ୧୪ଜଣ ସମିତି ସଭ୍ୟ ବିଜେଡି ଛାଡିଛନ୍ତି। ଏହାକୁ ନେଇ ପାରଳାଖେମୁଣ୍ଡି ରାଜନୀତି ସରଗରମ ହୋଇଛଇ। ତେବେ ଏଭଳି ଅଭିଯୋଗକୁ ବିଧାୟକ ବିଧାୟକ ରୂପେଶ ପାଣିଗ୍ରାହୀ ଖଣ୍ଡନ କରିବା ସହ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ଖବରରୁ ଜଣାପଡିଛି, ଗଜପତି ଜିଲା ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳଙ୍କ ବିରୋଧରେ ଗତ ସେପ୍ଟେମ୍ବର ୧୮ରେ ୧୫ଜଣ ସମିତିସଭ୍ୟ ମିଶି ଜିଲା ପ୍ରଶାସନକୁ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ସେ ଜଣେ ଦକ୍ଷ ଅଧ୍ୟକ୍ଷା ନୁହନ୍ତି। ବିଭିନ୍ନ ସରକାରୀ ଯୋଜନାରେ ଅର୍ଥ ହରିଲୁଟ କରି ସରକାରୀ ଅଧିକାରୀ ଓ ବାହାର ଠିକାଦାରଙ୍କ ସହ ମିଶି ବିଧାୟକଙ୍କ ଇଙ୍ଗିତରେ ସବୁ କାରବାର କରୁଛନ୍ତି ବୋଲି ସମିତିସଭ୍ୟମାନେ ପ୍ରସ୍ତାବରେ ଉଲ୍ଲେଖ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗତ ୧୮ ତାରିଖରେ ପ୍ରଶାସନ ପକ୍ଷରୁ ଅନାସ୍ଥା ଉପରେ ୨୦ଟି ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ବିଧାୟକ ଏବଂ ଏମ୍‌ପିଙ୍କୁ ନେଇ ଭୋଟ ପ୍ରକ୍ରିୟା କରାଯାଇଥିଲା। ମାତ୍ର ଏହି ଭୋଟ ପ୍ରକ୍ରିୟାରେ କେବଳ ୧୫ଜଣ ସମିତି ସଭ୍ୟ ବଡ କଳାକୋଟ, ମୁନିସିଙ୍ଗ, ପରିଡା, ଭୁବନି, ତରଙ୍ଗଡା, ଅଜୟଗଡ, ସେରଙ୍ଗ, ତରଭା, ଉଖୁରା, ଜାମ୍ପି, ନମାନଗଡ, ଡୁମୁଳ, ଡୁମ୍ବଡା, ଗୁମ୍ମା, ବାଇଝଲର ସମିତି ସଭ୍ୟମାନେ ଭୋଟରେ ଅଂଶଗ୍ରହଣ କରିଥିଲେ। ଅନ୍ୟକେହି ଏଥିରେ ସାମିଲ ହେଲେନାହିଁ। ୪୨ ଜଣ ସମିତିସଭ୍ୟ ଥିବା ବେଳେ ୧୫ ଜଣ ଉପସ୍ଥିତ ରହିବାରୁ କୋରମ ଅଭାବରୁ ଅନାସ୍ଥା ପ୍ରସ୍ତାବ ଆସି ପାରିଲାନାହିଁ। ଏହାକୁ ନେଇ ଶନିବାର ୧୪ଜଣ ସମିତିସଭ୍ୟ ପାରଳାଖେମୁଣ୍ଡି ବିଧାୟକଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ଅନସ୍ଥା। ଭୋଟ ସମୟରେ କାଳେ ସରପଞ୍ଚମାନେ ଭୋଟ ପ୍ରକ୍ରିୟାରେ ଅଂଶଗ୍ରହଣ କଲେ ଅନସ୍ଥା ଆସିଯିବ ଏହାକୁ ଦୃଷ୍ଟିରେ ରଖି ବିଧାୟକ ଏବଂ କିଛି ସରକାରୀ ଅଧିକାରୀ ସରପଞ୍ଚ ମାନଙ୍କୁ ଭୟଭୀତ କରାଇ ଗୋଟିଏ କୋଠରିରେ ସେ ସମୟରେ ରଖିଦେଇଥିବା କଳାକୋଟ ସମିତି ସଭ୍ୟ ବେର୍ଣ୍ଣିକ ଗମାଙ୍ଗ ଅଭିଯୋଗ କରିଛନ୍ତି। ଏହାକୁ ନେଇ ୧୪ ଜଣ ସମିତି ସଭ୍ୟ ବିଜେଡିରୁ ଇସ୍ତଫା ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ସମିତି ସଭ୍ୟ ବେର୍ଣ୍ଣିକ,ଗୁମ୍ମା ସମିତିସଭ୍ୟ ସ୍ନିଗ୍ଧାରାଣୀ ପାଣି କହିଛନ୍ତି। ସେମାନେ ଆଇନର ଆଶ୍ରୟ ନେଇ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଧାୟକ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ମୋ ବିରୋଧରେ ସମିତିସଭ୍ୟମାନେ ଆଣିଥିବା ମନ୍ତବ୍ୟ ଭିତ୍ତିହୀନ। ତାଙ୍କ ନିର୍ବାଚନ ମଣ୍ଡଳୀରେ ସେ ସବୁବେଳେ ଗୁମ୍ମା ବ୍ଲକକୁ ପ୍ରାଧାନ୍ୟ ଦେଉଛନ୍ତି। ସବୁବେଳେ ଆଦିବାସୀଙ୍କ ସାମୁହିକ ଉନ୍ନତି ଲାଗି ସେ ଚେଷ୍ଟା କରି ଆସିଛନ୍ତି। ତେବେ କୌଣସି ସମିତିସଭ୍ୟ ଦଳ ଛାଡିବା ସେଭଳି କୌଣସି ଖବର ତାଙ୍କ ପାଖରେ ନ ଥିବା ବିଧାୟକ ପାଣିଗ୍ରାହୀ କହିଛନ୍ତି।


ସମିତିସଭ୍ୟମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ୧୮୦ ବୋତଲ ବିଦେଶୀ ମଦ ଜବତ

ଦିଗପହଣ୍ଡି/ପାଟପୁର,(ଅଶେଷ ନାଥ ମିଶ୍ର) ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ପାଟପୁର ପୋଲିସ ପୋଡ଼ାମାରି ଗ୍ରାମର ଅଜୟ ଗୌଡ଼ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ପୋଲିସ ସୂଚନା ପାଇ ପୋଡାମାରିରେ ପହଞ୍ଚି ଅଜୟଙ୍କଠାରୁ ବିଭିନ୍ନ କମ୍ପାନୀର ୧୮୦ରୁ ଉର୍ଦ୍ଧ୍ୱ ବୋତଲ ବିଦେଶୀ ମଦ ଜବତ କରିଥିଲା।




## ଉଭିଦ ବିଜ୍ଞାନ ବିଭାଗ କର୍ମଶାଳା ଉଦ୍‌ଘାଟିତ

ବ୍ରହ୍ମପୁର,୨୩।୧୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗରେ ଶୁକ୍ରବାର ଭବିଷ୍ୟତ କର୍ମ ନିଯୁକ୍ତି ସୁଯୋଗଭିତ୍ତିକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମତ୍ସ୍ୟ ସମ୍ପଦ ବିକାଶର ପରାମର୍ଶ ଦାତା ସରିଫ ଅହମ୍ମଦ ଓ ଆଇଜର ସହାୟକ ପ୍ରଫେସର ପ୍ରଭାତ କୁମାର ପରିଡ଼ା ସଫଳ ଉଦ୍ୟୋଗୀ ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଓଡିଶା ଫାଇନାନ୍ସ ସର୍ଭିସର ଯୁଗ୍ମ ନିର୍ଦ୍ଦେଶକ ଡ଼. ବିଭୂଦତ୍ତ ଆଚାରୀ ପ୍ରଶାସନିକ ପରୀକ୍ଷା ପ୍ରସ୍ତୁତି ସଫଳତା ଉପରେ କହିଥିଲେ। ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ ଡିଆଇଜି ସନାତନ ଜେନା ପ୍ରତିରକ୍ଷା ବିଭାଗରେ ବିଭିନ୍ନ ପଦବୀରେ ନିଯୁକ୍ତି ସୁଯୋଗ ଉପରେ ଆଲୋକପାତ କରିଥିଲେ। ଡ଼. ବିଶ୍ୱ ରଞ୍ଜନ ମେହେର ପରିଚାଳନା ଓ ପ୍ରଫେସର ମୃତ୍ୟୁଞ୍ଜୟ ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ।

# ହତ୍ୟା ଉଦ୍ୟମ ମାମଲା: ୫ ଜଣଙ୍କୁ ବର୍ଷେ ଲେଖାଏ ଜେଲ

ବ୍ରହ୍ମପୁର, ୨୩।୧୧( ସୁବାସ ଚନ୍ଦ୍ର ପାଢ଼ୀ)

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଡା.ପ୍ରଦୀପ କୁମାର ପ୍ରଧାନ ଶନିବାର ଏକ ହତ୍ୟା ଉଦ୍ୟମ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ୫ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଜରଡ଼ା ଥାନା ଖାରିଆଗୁଡା ଗ୍ରାମର ଅର୍ଜୁନ ସାହୁଙ୍କ ଦୁଇ ପୁଅ କୁନା ସାହୁ(୪୧), ତୁମ୍ୱେଶ୍ୱର ସାହୁ(୩୨) ଓ ମୟ ସାହୁଙ୍କ ତିନି ପୁଅ ଜଡ଼ା ଓରଫ ଲିଟୁ ସାହୁ(୨୪), କାଳିଆ ଓରଫ ଧର୍ମେନ୍ଦ୍ର ସାହୁ (୨୩), କାଁହୁ ଚରଣ ସାହୁ(୨୨)। ଉପରୋକ୍ତ ଦଣ୍ଡ ସହ ପ୍ରତ୍ୟେକେ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପ୍ରତ୍ୟେକେ ୨ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ସେ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ଅନ୍ୟତମ ଅଭିଯୁକ୍ତ ଅର୍ଜୁନ ସାହୁଙ୍କ ବିଚାରଣା ଚାଲିଥିବା ବେଳେ ୨୦୨୩ରେ ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କୁ ମାମଲାରୁ କୋର୍ଟ ବାଦ ଦେଇଥିଲା। ୨୦୧୭ରେ ଉକ୍ତ ଗ୍ରାମର ଅଶୋକ ସାହୁ ଉକ୍ତ ଗ୍ରାମର କିଛି ଲୋକଙ୍କୁ ଟଙ୍କା ଦେଇଥିବା ବେଳେ ତାହା ସଂଗ୍ରହ କରିବାକୁ ଯାଉଥିଲେ। ରାସ୍ତାରେ ତାଙ୍କର ସମ୍ପର୍କୀୟ ଭାଇ ମାନେ ତାଙ୍କୁ ସଂଘବଦ୍ଧ ଭାବେ କାଟିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଆହତ ଅଶୋକଙ୍କ ଭାଉଜ ନମିତା ସାହୁ ଏନେଇ ଜରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୦/୧୭ରେ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସଆଇ କୈବଲ୍ୟ ସେଠ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୧୦ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଉକ୍ତ ଅଭିଯୁକ୍ତ ମାନେ କୋର୍ଟରେ ହାଜର ହୋଇଥିଲେ। ମାଜିଷ୍ଟ୍ରେଟ ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରାଜେନ୍ଦ୍ର କୁମାର ଦାଶ ମକଦ୍ଦମା ପରିଚାଳନା କରୁଥିଲେ।

# ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା



ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

ବ୍ରହ୍ମପୁର,୨୩।୧୧(ସ୍ୱାଧୀନ ଶେଖର ପାଢ଼ୀ/ ସ୍ମୃତି ରଞ୍ଜନ ମହାଲିକ)

ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ଶନିବାର ବିଜ୍ଞାନ ଓ ସାମାଜିକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ପ୍ରଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଯୋଗ ଦେଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ସଂପର୍କରେ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଉଦବୋଧନ ଦେଇଥିଲେ। ମେଳାରେ ବିଭିନ୍ନ ବର୍ଗର ୩୦୦ ପ୍ରତିଯୋଗୀଙ୍କ ଦ୍ୱାରା ପ୍ରାୟ ୨୦୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସଂପାଦିକା ଅନୀତା କୁମାରୀ ପାଢି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା, ମଧୁସ୍ମିତା ପରିଡା, ବିଜ୍ଞାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ଲକ୍ଷ୍ମୀରାଣୀ ଚୌଧୁରୀ, ଭି. ତାରକେଶ, ସୋମ୍ୟ ସିଦ୍ଧାର୍ଥ ବାରିକ, ଟୁଇଙ୍କଲ ପାତ୍ର, ରାଜେଶ ମହାପାତ୍ର, ଶିବାନୀ ପାଣିଗ୍ରାହୀ, ସ୍ୱପ୍ନା ପାଣିଗ୍ରାହୀ ଓ ନିବେଦିତା ମାଝି ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଆଇସିଏସ୍‌ଇ ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ୨ ଖେଳାଳି

ବ୍ରହ୍ମପୁର,୨୩।୧୧(ସ୍ୱାଧୀନ ଶେଖର ପାଢ଼ୀ )

ସର୍ବଭାରତୀୟ ୧୪ ବର୍ଷରୁ କମ ଆଇସିଏସଇ ହ୍ୟାଣ୍ଡବଲ ବାଳକ ଦଳରେ ବ୍ରହ୍ମପୁରର ୨ ଖେଳାଳି ଯୋଗ ଦେଇଛନ୍ତି। ରବିବାରଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରରେ ଏହିପ୍ରତିଯୋଗିତା ହେବ। ବ୍ରହ୍ମପୁର ଆଇସିଏସଇ ସ୍କୁଲର ଦୁଇ ଖେଳାଳି ମନୀଷ କୁମାର ପ୍ରଧାନ ଓ ବି. ଅର୍ଣ୍ଣବ କୁମାର ଦଳରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଛନ୍ତି। ଉଭୟେ ପୂର୍ବରୁ ବ୍ରହ୍ମପୁରଠାରେ ଆୟୋଜିତ ଓଡ଼ିଶା ଷ୍ଟେଟ ଲେଭେଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବ୍ରହ୍ମପୁର ଜୋନକୁ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତ ଅକ୍ଟୋବରରେ ଉତ୍ତର ପ୍ରଦେଶର ଗୋରଖପୁରରେ ଆୟୋଜିତ ଜାତୀୟ ଆଇସିଏସଇ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ ଆଣିବାରେ ଏମାନଙ୍କ ଭୂମିକା ଥିଲା। ଉଭୟେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ କୋଚ ପ୍ରଶାନ୍ତ ରଥ ଓ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢୀଙ୍କ ଠାରୁ ତାଲିମ ନେଉଛନ୍ତି। ପ୍ରତିଯୋଗୀଙ୍କ ସଫଳତା ପାଇଁ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଙ୍ଗଠନର ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ ସହ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।




# ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ କୁସୁମୀ ଓଏଭିର ୩ ଛାତ୍ର


ଶିକ୍ଷକଙ୍କ ସହିତ ୩ ଖେଳାଳି

ବ୍ରହ୍ମପୁର,୨୩।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ ଛାତ୍ର ମନୋନୀତ ହୋଇଛନ୍ତି। ସେମାନେ ହେଲେ ସ୍ୱସ୍ତିକ ଦାସ, ଆଲୋକ କୁମାର ଗଉଡ଼ ଓ ଶାଶ୍ୱତ ପଣ୍ଡା। ଆସନ୍ତା ୨୫ ରୁ ୨୯ ତାରିଖ ଯାଏଁ ସ୍କୁଲ ଗେମ ଫେଡେରେସନ ଅଫ ଇଣ୍ଡିଆ (ଏସ. ଜି. ଏଫ. ଆଇ )ତରଫରୁ ଏହି ପ୍ରତିଯୋଗିତା ଛତିଶଗଡର ମହାସମୁନ୍ଦରେ ଅନୁଷ୍ଠିତ ହେବ। ଯାଜପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେଇ ଏଇ ୩ଜଣ ଉତ୍ତମ ପ୍ରଦର୍ଶନ କରି ଜାତୀୟସ୍ତରକୁ ମନୋନୀତ ହୋଇଥିଲେ । ଜାତୀୟସ୍ତରରେ ମଧ୍ୟ ଉତ୍ତମ ପ୍ରଦର୍ଶନ ପାଇଁ ଆଦର୍ଶ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ମିଶ୍ର, ଅଧ୍ୟକ୍ଷ ସୁଦର୍ଶନ ସେଠୀ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ଏବଂ ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଚିକିତ୍ସା ପରେ ୱାରେଣ୍ଟ ଅଭିଯୁକ୍ତ ପୁଣି ଫେରାର

ବ୍ରହ୍ମପୁର,୨୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଆକ୍ରମଣର ଶିକାର ଜଣେ ୱାରେଣ୍ଟ ଅଭିଯୁକ୍ତ ଡାକ୍ତରଖାନାରେ ଚିକିତ୍ସା ପରେ ପୁଣି ଫେରାର ହୋଇଯାଇଛନ୍ତି । ସେ ହେଲେ ନିମଖଣ୍ଡି ଥାନା ସାତକୁରୁଣୀର ବାପୁ ସାହୁ(୨୮) । ବାପୁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଧରିପାରନି। ଏକ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ବାପୁ ଅନେକ ଦିନ ଧରି ଫେରାର ପରେ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଅକ୍ଟୋବର ୨୧ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକାଧିକ ଦୁର୍ବୃତ୍ତ ବାପୁଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ନିମଖଣ୍ଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାପୁଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବେନଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବାପୁଙ୍କ ନାଁରେ ୱାରେଣ୍ଟ ରହିଥିବାରୁ ସେ ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରିବା ପରେ ପୋଲିସ ତାଙ୍କୁ କୋର୍ଟରେ ହାଜର କରିବ ବୋଲି ଯୋଜନା କରିଥିଲା। ତେବେ ସେ ଚିକିତ୍ସିତ ହେଉଥିବା ଡାକ୍ତରଖାନାରେ ତାଙ୍କୁ ଜଗିବାକୁ ପୋଲିସ କର୍ମଚାରୀ ନିୟୋଜିତ ନ ଥିଲେ। ଫଳରେ ଚିକିତ୍ସିତ ପରେ ବାପୁ ପୁଣି ଫେରାର ହେବାକୁ ସୁଯୋଗ ପାଇଥିଲେ ।

